# ସର୍ବସାଧାରଣଙ୍କ ପାଇଁ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଆସନ୍ତା ତା-୨୧.୧୧.୨୦୧୯ ଗୁରୁବାର ଦିନ ସକାଳ ୯ ଘଣ୍ଟା ଠାରୁ ଅପରାହ୍ନ ୫ ଘଣ୍ଟା ପର୍ଯ୍ୟନ୍ତ ଫୁଲବାଣୀ ସ୍ଥିତ ଜିଲ୍ଲା ପରିଷଦ ସଭାଗୃହ ଠାରେ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ନୂଆଦିଲ୍ଲୀ)ଙ୍କ ତରଫରୁ ଏକ ଜନଶୁଣାଣି ଶିବିର ଆୟୋଜନ କରାଯିବ । ଉକ୍ତ ଜନ ଶୁଣାଣି ଶିବିରରେ ଆପଣମାନେ ବହୁସଂଖ୍ୟାରେ ଯୋଗଦେଇ ଶିଶୁମାନଙ୍କ ପ୍ରତି ହେଉଥିବା ବିଭିନ୍ନ ଅତ୍ୟାଚାର ସମ୍ପର୍କିତ ଅଭିଯୋଗ ପତ୍ର ଦାଖଲ କରି ଶିଶୁମାନଙ୍କୁ ସେଥିରୁ ମୁକ୍ତ କରିବା ସହିତ ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ସହଯୋଗ କରିବା ପାଇଁ ଅନୁରୋଧ । ମାନ୍ୟବର ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ନିମ୍ନରେ ଦିଆଯାଇଥିବା ବିଭିନ୍ନ ସମସ୍ୟା ଉପରେ ଜନଶୁଣାଣୀ କରିବେ ।

**ଶିଶୁମାନଙ୍କ ସମ୍ପର୍କିତ ବିଭିନ୍ନ ସମସ୍ୟା**

୧. ଶିଶୁ ଶ୍ରମିକ
୨. ଶିଶୁ ଚାଲାଣ
୩. ଏସିଡ୍ ଦ୍ୱାରା ଆକ୍ରମଣ ହୋଇଥିବା ଶିଶୁ
୪. ବଳପୂର୍ବକ ଭିକ୍ଷାବୃତ୍ତିରେ ନିୟୋଜିତ ଶିଶୁ/ ଭିକ୍ଷାବୃତ୍ତି କରୁଥିବା ଶିଶୁ
୫. ଶାରିରୀକ /ଯୌନ ନିର୍ଯ୍ୟାତନାର ଶିକାର ହୋଇଥିବା ଶିଶୁ
୬. ଏଚ୍.ଆଇ.ଭି. ସଂକ୍ରମିତ ଶିଶୁର ଅଧିକାର କ୍ଷୁର୍ଣ୍ଣ
୭. ଅନୈତିକ ପୌଷ୍ୟସନ୍ତାନ ଗ୍ରହଣ
୮. ଶିଶୁ ଯତ୍ନ ଅନୁଷ୍ଠାନରେ ଅତ୍ୟାଚାରର ଶିକାର ହେଉଥିବା ଶିଶୁ
୯. ଶିଶୁ ବିକ୍ରି
୧୦. ଅପହୃତ ଶିଶୁ
୧୧. ନିରୁଦ୍ଦିଷ୍ଟ ଶିଶୁ
୧୨. ଶିକ୍ଷା ଅଧିକାରରୁ ବଞ୍ଚିତ ହେଉଥିବା ଶିଶୁ
୧୩. କୁପୋଷଣର ଶିକାର ହେଉଥିବା ଶିଶୁ
୧୪. ଭେଦଭାବର ଶିକାର ହେଉଥିବା ଶିଶୁ
୧୫. ଭିନ୍ନକ୍ଷମ ଶିଶୁ ନିଜ ଅଧିକାରରୁ ବଞ୍ଚିତ ହେଉଥିଲେ
୧୬. ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା ଶିଶୁ ଏବଂ

**ଅନ୍ୟାନ୍ୟ ବିଷୟ ଯେଉଁଥିରେ କି ଶିଶୁମାନଙ୍କର ଯଦି ଅଧିକାର କ୍ଷୁର୍ଣ୍ଣ ହେଉଥାଏ ।**

ଉପରୋକ୍ତ ଯେ କୌଣସି ସମସ୍ୟା ସଂପର୍କିତ ଅଭିଯୋଗ ମାନ୍ୟବର ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ଜନଶୁଣାଣୀ ଶିବିର ଦିନ କିମ୍ବା ତା'ପୂର୍ବରୁ ନିମ୍ନୋକ୍ତ ଠିକଣାରେ ଦାଖଲ କରିପାରିବେ । ଶୁଣାଣୀଦିନ ଅର୍ଥାତ୍ ତା-୨୧.୧୧.୨୦୧୯ ରିଖ ତତ୍ ସମ୍ବନ୍ଧୀୟ କାଗଜାତ୍ ଧରି ପୀଡିତା କିମ୍ବା ତାଙ୍କର ପ୍ରତିନିଧିଙ୍କ କରିଆରେ ଉପସ୍ଥିତ ରହିବେ ।

**ଅଭିଯୋଗ ଦରଖାସ୍ତ ଦାଖଲ କରିବା ଠିକଣା**

୧. ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲ୍ଲା ମିଶନଶକ୍ତି ଭବନ, ଫୁଲବାଣୀ
୨. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଫୁଲବାଣୀ, କନ୍ଧମାଳ

-ସ୍ୱା-
ଜିଲ୍ଲାପାଳ, କନ୍ଧମାଳ, ଫୁଲବାଣୀ

**OFFICE OF THE DISTRICT MAGISTRATE & COLLECTOR,**
**KANDHAMAL**
**(District Child Protection Unit)**
**Department of Women & Child Development and Mission Shakti,**
**Govt. of Odisha.**

No. 1013 | Date: 14.11.2019

# <u>ବିଜ୍ଞପ୍ତି</u>

ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଭାରତ ସରକାରଙ୍କ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆଇନ ୨୦୦୫ ଦ୍ୱାରା ବିଧିବଦ୍ଧ ଭାବେ ନିର୍ଦ୍ଧାରିତ ଅଙ୍ଗ । ଶିଶୁମାନେ ସମ୍ବିଧାନ ଉଲ୍ଲେଖିତ ସମସ୍ତ ଅଧିକାରକୁ ବିଭିନ୍ନ ଆଇନରେ କରାଯାଇଥିବା ବିହିତ ବ୍ୟବସ୍ଥାକୁ ଉପଭୋଗ କରାଇବା ହେଉଛି ଏହି ଆୟୋଗର ମୁଖ୍ୟ ହୁକୁମନାମା ।

ଏହି ଆୟୋଗ କୌଣସି ଶିଶୁ ବିରୁଦ୍ଧରେ ଘଟିଥିବା ଶିଶୁ ଅଧିକାର ଉଲ୍ଲଂଘନ ସମ୍ପର୍କିତ ଅଭିଯୋଗ ଗ୍ରହଣ କରିବା ନିମନ୍ତେ ଆପଣଙ୍କ ଜିଲ୍ଲା ପରିଦର୍ଶନ କରୁଛନ୍ତି । ଶିଶୁ ଅଧିକାର ନିମନ୍ତେ କାର୍ଯ୍ୟ କରୁଥିବା ଯେକୌଣସି ବ୍ୟକ୍ତି ଯଥା ଶିଶୁ, ପିତାମାତା, ଅଭିଭାବକ, ଶିଶୁ ଯତ୍ନକାରୀ କିମ୍ବା ଅନ୍ୟ ଯେକୌଣସି ବ୍ୟକ୍ତି ବିଶେଷ, ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କ ନିକଟରେ ସେମାନଙ୍କର ଅଭିଯୋଗ ଦାଖଲ କରିପାରିବେ ।

**ତାରିଖ: ୨୧.୧୧.୨୦୧୯**
**ସ୍ଥାନ: ପଞ୍ଚାୟତ ଭବନ, ଫୁଲବାଣୀ**
**ପଞ୍ଜିକରଣ ଆରମ୍ଭ- ସକାଳ ୯ଘ. ସମୟ**

ସ୍ୱା/-
ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍,
କନ୍ଧମାଳ, ଫୁଲବାଣୀ